# Akashvani, Sambalpur

## SAMBALPURI NEWS EVENING BULLETIN

**25 June 2025- 7.02 pm- 7.12 pm.**

**************************************************

୧- ଦେଶେ ଜରୁରୀକାଳୀନ୍ ପରିସ୍ଥିତି ଲାଗୁ ହେବାର୍ ୫୦ ବଛର୍ ପୂର୍ତି ଅବ୍‌ସରେ ଆଏଜ୍ ପାଲନ୍ କରାଯାଉଛେ ସମ୍ବିଧାନ୍ ହତ୍ୟା ଦିବସ୍ ।

୨- ସାଧାରଣ୍ ଲୁକ୍‌କୁ ସହଜ୍‌ଥି ରାଜସ୍ୱ ସେବା ଯୁଗେଇ ଦେବାର୍ ଲାଗି ଉନ୍ମୋଚିତ୍ ହେଲା ଇ-ରେଜିଷ୍ଟ୍ରେସନ୍ ଆପ୍ ।

୩- ଆଏବା ଶିକ୍ଷାବଛର୍‌ନୁ ୨ ଟା ଖେପେ ହେବା ସିବିଏସ୍‌ଇ ୧୦ କ୍ଲାସ୍ ପରୀକ୍ଷା ।

ଆଉର୍

୪- ଶ୍ରୀକ୍ଷେତ୍ର ପୁରୀ ନ ଆଏବା କାଏଲ୍ ହେବା ମାହାପୁରୁମାନ୍‌କର ନବଯୌବନ ଦର୍ଶନ୍ ।

ସମ୍ବିଧାନ୍ ହତ୍ୟା ଦିବସ୍          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଦେଶେ ଜରୁରୀକାଲୀନ୍ ପରିସ୍ଥିତି ଲାଗୁ ହେବାର୍ ୫୦ ବଛର୍ ପୂର୍ତିକେ ଆଏଜ୍ ସମ୍ବିଧାନ୍ ହତ୍ୟା ଦିବସ୍ ଭାବେ ପାଲନ୍ କରାଯାଉଛେ । ୧୯୭୫ ମସିହା ଜୁନ୍ ମାସର୍ ୨୫ ତାରିଖ୍ ଦିନ ଭାରତୀୟ ସମ୍ବିଧାନ୍‌କେ ଅମର୍ଯ୍ୟାଦା ପ୍ରଦର୍ଶନ୍ ପୂର୍ବକ ସେତେବେଲର୍ ସର୍‌କାର୍ ଦେଶେ ଜରୁରୀକାଲୀନ୍ ପରିସ୍ଥିତି ଲାଗୁ କରିଥିଲେ । ଭାରତ୍‌ର ଗଣତାନ୍ତ୍ରିକ୍ ଇତିହାସ୍‌ର ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ସେହିଦିନ୍‌କେ ସୋର୍ ପକେଇକରି ଆଏଜ୍ ଦେଶର୍ ସବୁ ଜାଗା ନ ସମ୍ବିଧାନ୍ ହତ୍ୟା ଦିବସ୍ ପାଲନ୍ କରାଯାଇଛେ ।

ସମ୍ବିଧାନ୍ ହତ୍ୟା ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇତାକେ କଲା ଦିବସ୍ ବଲି କହିଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଆଝିର୍ ଦିନେ ଭାରତୀୟ ସମ୍ବିଧାନ୍‌ର ମର୍ଯ୍ୟାଦାହାନୀ କରାଯିବାର୍ ସହେତେ ଲୋକ୍‌ମାନ୍‌କର୍ ମୌଳିକା ଅଧିକାର୍‌କେ ଶେଷ୍ କରି ଦିଆଯାଇଥିଲା । ଗଣମାଧ୍ୟମ୍‌ର ସ୍ୱାଧୀନତାକେ ଭିଲ୍ ଛଡ଼େଇ ନିଆଯାଇଥିଲା । ରାଜନେତା, ସାମାଜିକ୍ କର୍ମୀ, ଛାତ୍ରଛାତ୍ରୀ ଆଉ ସାଧାରଣ୍ ନାଗରିକ୍‌ମାନ୍‌କୁ ଜେଲ୍ ଭିତ୍‌ରେ ବନ୍ଦୀ କରିକରି

ରଖାଯାଇଥିଲା । ଇ ସମିଆଥି ପ୍ରକୃତ୍‌ଭାବେ ଗଣତନ୍ତ୍ରର୍ ହତ୍ୟା କରାଯାଇଥିଲା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ସମ୍ବିଧାନ୍ ହତ୍ୟା ଦିବସ୍ ଅବ୍‌ସରେ ଭୁବନେଶ୍ୱର୍ ରେଲ୍ ଅଡ଼ିଟୋରିୟମ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଆଝିର୍ ଦିନ୍‌କେ ଭାରତ୍‌ର ଗଣତନ୍ତ୍ରର୍ କଲା ଦିବସ୍ ବଲି କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଆଘର୍ ପ୍ରଧାନ୍‌ମନ୍ତ୍ରୀ ଇନ୍ଦିରାଗାନ୍ଧୀ ଦେଶେ ଆଭ୍ୟନ୍ତରିଣ ଅଶାନ୍ତିର୍ ବାହାନା ଦେଖେଇକରି ଜରୁରୀକାଲୀନ୍ ପରିସ୍ଥିତି ଲାଗୁ କରିଥିଲେ । ଇ ନିଷ୍ପତି କେନ୍‌ସି ଯୁଦ୍ଧ କି ବିଦ୍ରୋହ ଲାଗି ନିଆ ନାଇଁ ଯାଇଥାଇ ବରଂ ନିଜର୍ କ୍ଷମତାକେ ବଂଚାବାର୍ ଲାଗି କରାଯାଇଥିଲା । ଆଏଜ୍ ୫୦ ବଛର୍ ଉତ୍‌ରୁ ଭିଲ୍ କଂଗ୍ରେସ୍ ସେହି ହିସାବେ କାମ୍ କରୁଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଆଝିର୍ ଇ କାର୍ଯ୍ୟକ୍ରମ୍ ସମ୍ବିଧାନ୍‌ର ସୁରକ୍ଷା ଲାଗି ଗୁଟେ ସ୍ଲୋଗାନ୍ ନୁହେଁ ଇଟା ସବୁ ଭାରତୀୟମାନ୍‌କର୍ ଜୀବନ୍ ଶୈଲୀ ଆଏ ଆଉ ସାଧାରଣ୍ ଲୁକ୍‌କୁ ସେବା, ସୁଶାସନ୍, ସାମାଜିକ୍ ନ୍ୟାୟ ଦେବାର୍ ଲାଗି ସମ୍ବିଧାନ୍ ଗୁଟେ ଉତ୍କୃଷ୍ଟ ମାଧ୍ୟମ୍ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କେନ୍ଦ୍ର କେବିନେଟ୍ ବୈଠକ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ଜରୁରୀକାଲୀନ୍ ପରିସ୍ଥିତି ଘୋଷ୍‌ନାର୍ ୫୦ ବଛର୍ ପୂର୍ତି ପାଲନ୍ ଲାଗି ଗୁଟେ ସଂକଳ୍ପ ଗୃହୀତ ହେଇଯାଇଛେ । ଜରୁରୀକାଲୀନ୍ ସମିଆଥି ଯେନ୍ ଲୋକ୍‌ମାନ୍‌କର୍ ସାମ୍ବିଧାନିକ୍ ଅଧିକାର୍ ଛଡ଼େଇ ନିଆଯାଇଥିଲା ଆଉ ଯେନ୍‌ମାନେ ନିର୍ଯ୍ୟାତନା ପାଇଥିଲେ ସେମାନ୍‌କର୍ ଉଦ୍ଦେଶ୍ୟଥି କେବିନେଟ୍ ବୈଠକ୍‌ଥି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଜରୁରୀ ପରିସ୍ଥିତିକେ ସାହାସ୍ ଦେଖେଇକରି ଯେନ୍‌ମାନେ ପ୍ରତିରୋଧ୍ କରିଥିଲେ ସେମାନ୍‌କୁ କେନ୍ଦ୍ର କେବିନେଟ୍ ସମ୍ମାନ୍ ଜନେଇଥିଲା ।

ରାଉର୍‌କେଲା ଷ୍ଟିଲ୍ ପ୍ଲାଂଟ୍ ସମ୍ପ୍ରସାରଣ୍    ହି.ସ.

ରାଉର୍‌କେଲା ଇସ୍ପାତ୍ କାର୍‌ଖାନା ସମ୍ପ୍ରସାରଣ୍ ଲାଗି ଥିବା ସମସ୍ୟାର୍ ସମାଧାନ୍ ଲାଗି ନୂଆଦିଲ୍ଲୀ ଠାନେ ହେଇଥିବା ବୈଠକ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କେନ୍ଦ୍ର ଭାରି ଶିଳ୍ପ ଆଉ ଇସ୍ପାତ୍ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆଉ କେନ୍ଦ୍ର ଜନଜାତି ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍‌ଙ୍କର୍ ସହେତେ ଆଲୋଚନା କରିଛନ୍ । କାର୍‌ଖାନା ସମ୍ପ୍ରସାରଣ୍‌କେ ନେଇକରି ଥିବା ପ୍ରତିବନ୍ଧକ୍‌ମାନ୍‌କୁ ଦୂର୍ କର୍‌ବାର୍ ଲାଗି ଗୁଟେ ଉଚ୍ଚସ୍ତରୀୟ କମିଟି

ଗଠନ୍ କର୍‌ବାର୍ ଲାଗି ଶ୍ରୀ ପ୍ରଧାନ୍ ଦେଇଥିବା ପ୍ରସ୍ତାବ୍‌କେ କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଗ୍ରହଣ୍ କରିଛନ୍ । ଦେଶେ ଇସ୍ପାତ୍ କ୍ଷେତ୍ର ଆଉ ପୂର୍ବ ଭାରତ୍ ବିଶେଷ୍ ଭାବେ ଓଡ଼ିଶାର୍ ଶିଳ୍ପ, ସାମାଜିକ୍ ଆର୍ ଅର୍ଥନୈତିକ୍ ବିକାଶ୍ ଲାଗି ରାଉର୍‌କେଲା ଷ୍ଟିଲ୍ ପ୍ଲାଂଟ୍‌ର ସମ୍ପ୍ରସାରଣ୍ ବହୁତ୍ ଜରୁରୀ ଆଏ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଇ ରେଜିଷ୍ଟ୍ରେସନ୍ ଆପ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସାଧାରଣ୍ ଲୁକ୍‌କୁ ସହଜ୍‌ଥି ରାଜସ୍ୱ ସେବା ଯୁଗେଇ ଦେବାର୍ ଲାଗି ଇ ରେଜିଷ୍ଟ୍ରେସନ୍ ଆପ୍‌ର ଶୁଭାରମ୍ଭ ହେଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଇ ଆପ୍‌କେ ଉନ୍ମୋଚନ୍ କରିଛନ୍ । ଇ ଆପ୍ ଜରିଏ ଜମି ପଞ୍ଜିକରଣ୍ ଲାଗି ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ସହେତେ ଅଲ୍‌ଗା ରାଜସ୍ୱ ସୁବିଧା ମିଲିପାର୍‌ବା ବଲି ଜନାପଡ଼ିଛେ । ଏନ୍ କ୍ୟୁମ୍‌ବ୍ରାନ୍ସ ସାର୍ଟିଫିକେଟ୍ ଆବେଦନ୍, ପ୍ରମାଣିକୃତ ନକଲ୍, ଜମିର୍ ସର୍‌କାରୀ ନିର୍ଦ୍ଧାରିତ୍ ଦାମ୍ ଜାନ୍‌ବାର୍ ପରିଦର୍ଶକ୍ ମୂଲକ୍ ପଞ୍ଜିକରଣ୍ ଲାଗି ଇ ଆପ୍ ଜରିଏ ଆବେଦନ୍ କରାଯାଇପାର୍‌ବା । ଇ ଅବ୍‌ସରେ ରାଜସ୍ୱ ବିଭାଗ୍‌ର ସଫଲତା ପୁସ୍ତିକାକେ ଭିଲ୍ ଉନ୍ମୋଚନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍

ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ୍ ଥିଲେ ।

ସିବିଏସ୍ଇ ୧୦ କ୍ଲାସ୍ ପରୀକ୍ଷା ୨ ଥର ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ଶିକ୍ଷା ବଛର୍ ୨୦୨୬ ନୁ ସିବିଏସ୍ଇ ତର୍ଫୁ ୧୦ କ୍ଲାସ୍ ପରୀକ୍ଷା ୨ ଥର୍ ହେବା ବଲି ବୋର୍ଡ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ପହେଲା ପରୀକ୍ଷା ବାଧ୍ୟତାମୂଲକ୍ ହେଇଥିବାର୍ ବେଲେ ୨ ନମ୍ବର୍ ପରୀକ୍ଷା ଇଚ୍ଛାଧୀନ୍ ହେବା । ଯେନ୍ ପରୀକ୍ଷାଥି ଅଏତ୍କା ମାର୍କ ରହେବା, ତାକେ ଗ୍ରହଣ୍ କରାଯିବା ବଲି ପରୀକ୍ଷା ନିୟନ୍ତ୍ରକ ସଞ୍ଜିମ୍ ଭରଦ୍ୱାଜ୍ ସୂଚ୍ନା ଦେଇଛନ୍ ।

ଏକ୍ସିଓମ୍-୪ ଏନ୍ଏସ୍ଡି

ଆମେରିକାର୍ ଫ୍ଲୋରିଡ଼ା ନ ଥିବା ନାସାର କେନେଡ଼ି ମହାକାଶ୍ କେନ୍ଦ୍ରନୁ ଏକ୍ସିଓମ୍-୪ ମିଶନ୍ର ଆଏଜ୍ ଶୁଭାରମ୍ଭ ହେଇଛେ । ଭାରତୀୟ ମହାକାଶ୍ଚାରୀ ଶୁଭ୍ରାଂଶୁ ଶୁକ୍ଲାଙ୍କର୍ ସହେତେ ୪ ଝନ୍ ଇ ମିଶନ୍ଥି ମହାକାଶ୍କେ ଯାଇଛନ୍ । ଭାରତୀୟ ସମିଆ ଅନ୍ସାରେ ଆଏବା କାଏଲ୍ ଉପର୍ବେଲା

ସାଢ଼େ ୪ ବଜେ ଏକ୍ସିଓମ୍-୪ ଡକିଂ ହେବା । ଅନ୍ତର୍ଜାତିକ ମହାକାଶ୍ କେନ୍ଦ୍ର ନ ପୁହୁଁଚିବାର୍ ଉତ୍ରୁ ମହାକାଶ୍ଚାରୀମାନେ ସେନୁ ପାଖାପାଖି ୨ ହପ୍ତା ରହେବେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭ୍ରାଂଶୁ ଶୁକ୍ଲାଙ୍କୁ ଇ ସଫଲତା ଲାଗି ଶୁଭେଚ୍ଛା ଜନାବାର୍ ସହେତେ କହିଛନ୍, କେପ୍ଟେନ୍ ଶୁକ୍ଲା ଭାରତ୍ର ମହାକାଶ୍ ଯାତ୍ରାଥି ଗୁଟେ ନୂଆଁ ଅଧ୍ୟାୟ ସୃଷ୍ଟି କରିଛନ୍ ବଲି କହିଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଐତିହାସିକ୍ ପଦକ୍ଷେପ୍କେ ସ୍ୱାଗତ୍ ଜନାବାର୍ ସହେତେ କେପ୍ଟେନ୍ ଶୁକ୍ଲା ଆର୍ ଭିନ୍ ଭିନ୍ ଦେଶର୍ ମହାକାଶ୍ଚାରୀ ମାନ୍କୁ  ସଫଲତାର୍ ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ କେପ୍ଟେନ୍ ଶୁକ୍ଲାଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ- ସମୀକ୍ଷା I&PR

ରାଏଜେ ଜଳବାହିତ ଆଉ ବାହକ ବାହିତ ରୋଗ୍ର ଥିତିକେ ନେଇକରି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ରାଜ୍ୟ ସଚିବାଳୟ ନ ଗୁଟେ ଖାସ୍ ସମୀକ୍ଷା ବୈଠକ୍ କରିଛନ୍ । ବୈଠକ୍ଥି ଜଳବାହିତ ରୋଗ ଡାଇରିଆ, ଜଣ୍ଡିସ୍, ଆଉ ବାହକ ବାହିତ ରୋଗ୍, ମେଲେରିଆ ଆଉ ଡେଙ୍ଗୁକେ ନିୟନ୍ତ୍ରଣ୍ କର୍ବାର୍ ଲାଗି ନିଆଯାଉଥିବା ପଦକ୍ଷେପ୍ ବାବ୍ଦେ ବିସ୍ତୃତ୍ ଭାବେ

ଆଲୋଚନା ହେଇଥିଲା । ରାଏଜେ ମେଲେରିଆ ପ୍ରବଣ ଜିଲ୍ଲା ବୌଦ୍ଧ, କଲାହାଣ୍ଡି, ଗଜପତି, କୋରାପୁଟ୍, କନ୍ଧମାଲ୍, ମାଲ୍‌କାନ୍‌ଗିରି, ରାୟଗଡ଼ା ଆର୍ ମୟୁର୍‌ଭଞ୍ଜ୍ ବାଗିର୍ ଜିଲ୍ଲା ନ ମେଲେରିଆ ନିରାକରଣ୍ ଲାଗି ୨୦୨୪ -୨୫ ବଛ୍‌ରେ ଦୀର୍ଘସ୍ଥାୟୀ କୀଟନାଶକ୍ ଦିଆଯାଇଥିବା ମଶାରୀ ବଁଟାଯାଇଛେ । ଇତାର୍‌ସହେତେ ୧୨ ଟା ଜିଲ୍ଲା ନ କୀଟନାଶକ୍ ଝିଟ୍‌ବାର୍ ପ୍ରକ୍ରିୟା ଚାଲୁ ରହିଛେ ବଲି ସ୍ୱାସ୍ଥ୍ୟ ସଚିବ ସୂଚ୍‌ନା ଦେଇଥିଲେ । ରାଜ୍ୟର୍ ୬ ଟା ଜିଲ୍ଲା ନ ଝାଡ଼ାବାନ୍ତି ଥିତିଥି ସୁଧାର୍ ଆସିଥିବା ବାବ୍‌ଦେ ମନ୍ତ୍ରୀ ଅବଗତ ହେଇଥିଲେ । ବୈଠକ୍‌ଥି ବିଭାଗୀୟ ଶାସନ୍ ସଚିବ, ସ୍ୱତନ୍ତ୍ର ଶାସନ୍ ସଚିବ ଆର୍ ସ୍ୱାସ୍ଥ୍ୟ ବିଭାଗ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ନବଯୌବନ୍ ଦର୍ଶନ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ମାହାପୁରୁମାନ୍‌କର୍ ନବଯୌବନ୍ ଦର୍ଶନ୍ ହେବା । ଅନବସରର୍ ୧୫ ଦିନ୍ ଉତ୍‌ରୁ ଆଏବା କାଏଲ୍ ଶ୍ରୀଜୀଉମାନେ ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ଆଏଜ୍ ବେଲ୍‌ବୁଡ଼େ ମାହାପୁରୁମାନ୍‌କର୍ ଶ୍ରୀମୁଖ ଶୃଙ୍ଗାର ବନକଲାଗି ନୀତି ହେବା ।

ପ୍ରସିଦ୍ଧ ରଥଯାତ୍ରାକେ ନେଇକରି ପୂର୍ବତଟ ରେଲ୍‌ବିଭାଗ୍ ତର୍‌ଫୁ  ବ୍ୟାପକ ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ଗୁଟେ ଖାସ୍ ରିପୋର୍ଟ....

(ଭଏସ୍ ଓଭର୍)

*ରଥଯାତ୍ରା ସମିଆଥି ଦେଶର୍ ଭିନ୍ ଭିନ୍ ଜାଗାନୁ ଭକ୍ତ ଆଉ ଶ୍ରଦ୍ଧାଳୁମାନେ ଲକ୍ଷାଧିକ୍ ସଂଖ୍ୟାଥି ରେଲ୍ ଜରିଏ ପୁରୀକେ ପୁହୁଁଚିସନ୍ । ସେଥିର୍‌ଲାଗି ଯାତ୍ରୀମାନ୍‌କର୍ ସୁରକ୍ଷାକେ ନେଇକରି ରେଲ୍‌ବାଇ ତର୍‌ଫୁ ୩ ଶହ ୬୫ ଟା ଖାସ୍ ଟ୍ରେନ୍ ଚଲାଚଲ୍‌ର ବ୍ୟବସ୍ଥା କରାଯିବା । ସେନ୍ତା ଟ୍ରେନ୍ ଚଲାଚଲ୍‌ଥି ଯେନ୍ତା କେନ୍‌ସି ପ୍ରକାର୍ ସମସ୍ୟା ନାଇଁହୁଏ ସେଦିଗେ ଖାସ୍ ଧ୍ୟାନ୍ ଦିଆଯାଇଛେ । ସୁରକ୍ଷାକେ ନେଇକରି ବ୍ୟାପକ୍ ବ୍ୟବସ୍ଥା କରାଯାଇଥିବାର୍ ବେଲେ ରେଲ୍‌ଷ୍ଟେସନ୍ ନ ସିସିଟିଭି ବ୍ୟବସ୍ଥା ଭିଲ୍ କରାଯାଇଛେ । ଗୁଟେ ଖାସ୍ କଂଟ୍ରୋଲ୍ ରୁମ୍ କରାଯାଇକରି ସେନୁ ସବୁ ପ୍ରକାରର୍ ଯା’ଆସ୍ ଉପ୍‌ରେ ନଜର୍ ରଖାଯିବା । ଯାତ୍ରୀମାନ୍‌କର୍ ସୁବିଧାକେ ନେଇକରି ପର୍ଯ୍ୟାପ୍ତ ମାତ୍ରାଥି ପିଇବାର୍ ପାଏନ୍ ଆର୍ ଶୌଚାଳୟର୍ ବ୍ୟବସ୍ଥା ଭିଲ୍ କରାଯାଇଛେ । ସେନ୍ତା ଟିକେଟ୍ କର୍‌ବାର୍ ଲାଗି ଇ ସମିଆଥି ଅଏତ୍‌କା ଟିକେଟ୍ କାଉଂଟର୍ ମାନେ ଭିଲ୍ ଖୁଲାଯାଇଛେ ଆଉ ରେଲ୍‌ବାଇ ତର୍‌ଫୁ ମେଡ଼ିକାଲ୍ ୟୁନିଟ୍ ମାନେ ଭିଲ୍ ଥାପ୍‌ନା କରାଯିବା ।*

*ଆକାଶବାଣୀ ସମ୍ବାଦ ବିଭାଗ୍ ତରଫ୍ରୁ ମୁଇଁ ସୁପ୍ରିତୀ ମିଶ୍ର ।*

ସୁଭଦ୍ରା ସୋସାଇଟି ପରିଚାଳନା ପରିଷଦ୍ ବୈଠକ୍ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁଗର୍ଗଙ୍କର୍ ଅଧ୍ୟକ୍ଷତାଥି ସୁଭଦ୍ରା ସୋସାଇଟିର ୪ ନମ୍ବର୍ ପରିଚାଳନା ପରିଷଦ୍ ବୈଠକ୍ ହେଇଯାଇଛେ । ଆଏବା ଅଗଷ୍ଟ ୯ ତାରିଖ୍ ରାଖୀପୁନି ଅବ୍‌ସରେ ସୁଭଦ୍ରା ୩ ନମ୍ବର୍ କିସ୍ତି ଦେବାର୍ ପ୍ରସ୍ତାବ୍‌କେ ବୈଠକ୍‌ଥି ଅନୁମୋଦନ୍ କରାଯାଇଛେ । ଇହାଦେତକ୍ ସୁଭଦ୍ରା ଯୋଜ୍‌ନାର ପ୍ରଶାସନିକ୍ ଆଉ ଆନୁସଙ୍ଗିକ୍ ଖର୍ଚ୍ଚାକେ ଭିଲ୍ ବୈଠକ୍‌ଥି ଅନୁମୋଦନ୍ କରାଯାଇଛେ ।

ଜିଲ୍ଲା- ସମ୍ବିଧାନ୍ ହତ୍ୟା ଦିବସ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବିଜେପି ତର୍‌ଫୁ ଜିଲ୍ଲା କାର୍ଯ୍ୟାଳୟ ଠାନେ ସମ୍ବିଧାନ୍ ହତ୍ୟା ଦିବସ୍ ପାଳନ୍ କରାଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ୧୯୭୫ ମସିହା ନ କଂଗ୍ରେସ୍ ସର୍‌କାର୍ ଜାରି କରିଥିବା ଜରୁରୀକାଲୀନ୍ ପରିସ୍ଥିତିକେ କଡ଼ା ନିନ୍ଦା କରିଥିଲେ ।

ଇ ଅବ୍ସରେ ହାଇସ୍କୁଲ୍ ଆଉ କଲେଜ୍ ମାନ୍କେ ଛାତ୍ରଛାତ୍ରୀମାନ୍କର୍ ଭିତ୍ରେ ପ୍ରବନ୍ଧ, ବକ୍ତୃତା, କୁଇଜ୍ ପ୍ରତିଯୋଗିତା ମାନ୍ କରାଯାଇଛେ ।

ଜିଲ୍ଲାପାଲ୍- ସମୀକ୍ଷା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ନ ଦାରିଦ୍ର୍ୟ ନିବାରଣ୍ ଯୋଜ୍ନା ଆଉ ବିକାଶ୍ମୂଲକ୍ କାମ୍ ମାନ୍କର୍ ବାବ୍ଦେ ଗୁଟେ ସମୀକ୍ଷା ବୈଠକ୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ଙ୍କର୍ ଅଧ୍ୟକ୍ଷତାଥି ହେଇଛେ । ବୈଠକ୍ଥି ଜିଲ୍ଲା ନ ଭିନ୍ ଭିନ୍ ଯୋଜ୍ନା ଆଉ ସେମାନ୍କର୍ ପ୍ରଭାବ୍ର ଲକ୍ଷ୍ୟକେ ନେଇକରି ନୂଆଁ ଗତି ଆଉ ଗୁଣବତାମୂଲକ୍ କାର୍ଯ୍ୟାନ୍ୱୟନ୍ ଦିଗେ ପଦକ୍ଷେପ୍ ନେବାର୍ ବାବ୍ଦେ ଆଲୋଚନା ହେଇଥିଲା ।

ଗ୍ରାମ୍ୟ ନ୍ୟାୟାଳୟ ଉଦ୍ଘାଟିତ୍ ବଲାଙ୍ଗିର୍

ସମାଜ୍ର ତଲ୍ସ୍ତର୍ଥି ଥିବାର୍ ଲୁକ୍କୁ ନ୍ୟାୟ ଦେବାର୍ ଉଦ୍ଦେଶ୍ୟଥି ବଲାଙ୍ଗିର୍ ସହେତେ ଉଦଲା, ବଣେଇର୍ ଭିତ୍ରିଆ ଇଲାକା ନ ଗ୍ରାମ୍ୟ ନ୍ୟାୟାଳୟ ଉଦ୍ଘାଟିତ୍ ହେଇଛେ । ଆଏଜ୍ ସଖାଲର୍ ୧୦ ବଜେ ବଲାଙ୍ଗିର୍ ସିଭିଲ୍ କୋର୍ଟ ପରିସର୍ ନ

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ୍ ଆଭାସୀ ଜରିଏ ଇତାକେ ଉଦ୍‌ଘାଟନ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲାଗି ରହିଛେ ବର୍ଷା । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ କେନ୍ଦୁଝର୍ ଆଉ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ କେତେଟା ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ସେନ୍ତା ରାଜ୍ୟର୍ ୧୦ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ । ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ଜିଲ୍ଲା ମାନ୍‌କେ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।